ବାଲାରପୁର ଶିଳ୍ପ ଲିମିଟେଡ଼

ବନାମ

ଗୁଜରାଟ ରାଜ୍ୟ ଏବଂ ଅନ୍ୟମାନେ

ନଭେମ୍ବର 22, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 4 (1) – ଜମି ଅଧିଗ୍ରହଣ – ଏହି ଆଧାରରେ ଆପତ୍ତି କରାଯାଇଛି ଯେ, ଅଧିଗ୍ରହଣ ଫଳରେ କାରଖାନାକୁ ପ୍ରବେଶ ଏବଂ ପ୍ରସ୍ଥାନ ବାଧାପ୍ରାପ୍ତ ହେବ – ଦର୍ଶାଯାଇଛି, କାରଖାନାକୁ ପ୍ରବେଶ ଏବଂ ପ୍ରସ୍ଥାନ ବନ୍ଦ ହେବ ନାହିଁ ବୋଲି ଦିଆଯାଇଥିବା ଅଙ୍ଗୀକାର ଉପରେ, ଅଧିଗ୍ରହଣରେ ହସ୍ତକ୍ଷେପ କରିବାର କୌଣସି ଆବଶ୍ୟକତା ନାହିଁ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 15522/1996 ।

ଏସ୍ ସି ଏ ସଂଖ୍ୟା 8179/1995ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କର 15.4.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ସୁଶ୍ରୀ ଇନ୍ଦୁ ମଲହୋତ୍ରା ।

ଉତ୍ତରଦାତା ସଂଖ୍ୟା 1-3 ପାଇଁ ୱାଇ. ଆଧାରୁ, ସୁଶ୍ରୀ ନୀତୁ ସିଂହ ଏବଂ ସୁଶ୍ରୀ ଏଚ୍. ୱାହି ।

ଉତ୍ତରଦାତା ସଂଖ୍ୟା 4 ପାଇଁ ଏ.କେ. ଗୁପ୍ତା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା । ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ସ୍ୱତନ୍ତ୍ର ଦେୱାନୀ ଆବେଦନ ସଂଖ୍ୟା 8179/1995ରେ କରାଯାଇଥିବା ଏପ୍ରିଲ୍ 15,1996 ତାରିଖର ଗୁଜୁରାଟ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠର ଆଦେଶରୁ ଉତ୍ପନ୍ନ ହୋଇଛି । ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଭୂମି ଅଧିଗ୍ରହଣ ଅଧିନିୟମ, 1894ର ଧାରା 4 (1) ଅନୁଯାୟୀ ଜାରି ହୋଇଥିବା ବିଜ୍ଞପ୍ତିର ବୈଧତାକୁ ଆପତ୍ତି କରିଛନ୍ତି ଯେ, ଜମିଗୁଡ଼ିକ ସର୍ବସାଧାରଣ ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ଥିଲା ଏବଂ ଏହା ସେମାନଙ୍କ କାରଖାନାକୁ ପ୍ରବେଶ ଏବଂ ପ୍ରସ୍ଥାନକୁ ଅବରୋଧ କରିଥିଲା । ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିବା ପାଲଟା ସତ୍ୟପାଠରେ ଉତ୍ତରଦାତାଙ୍କ ଦ୍ୱାରା ଦିଆଯାଇଥିବା ସ୍ୱୀକାରୋକ୍ତିକୁ ଦୃଷ୍ଟିରେ ରଖି, ଉତ୍ତରଦାତାମାନଙ୍କୁ ବିଜ୍ଞପ୍ତି ଜାରି କରାଯାଇଥିଲା ଯାହା ଆମର 2.9.1996 ତାରିଖର ଆଦେଶରେ ସୂଚିତ । ଏଥି ଉତ୍ତାରୁ, ପାଲଟା ସତ୍ୟପାଠରେ ଅଧିଗ୍ରହଣକାରୀ କର୍ତ୍ତୃପକ୍ଷ ସମାନ କଥା ସ୍ୱୀକାର କରିଛନ୍ତି । ହିତାଧିକାରୀ, ଅର୍ଥାତ୍, ଉତ୍ତରଦାତା ସଂଖ୍ୟା 4 ଯାହାଙ୍କ ପକ୍ଷରୁ ସେମାନଙ୍କର ପାଲଟା ସତ୍ୟପାଠରେ ଅଧିଗ୍ରହଣ କରିବାକୁ ଚେଷ୍ଟା କରାଯାଇଛି, ଏହିପରି ସ୍ୱୀକାର କରିଛନ୍ତି:

"ଏହି ଉତ୍ତରଦାତା ବକ୍ତବ୍ୟ ରଖନ୍ତି ଯେ, ଏହା ଏହାର ଉକ୍ତ ପ୍ରତିବଦ୍ଧତାରେ ଦୃଢ଼ ରହିଛି ଏବଂ ଏହି ମାନ୍ୟବର ନ୍ୟାୟାଳୟଙ୍କୁ ଆଶ୍ୱାସନା ଦେଉଛି ଯେ, ଅଧିଗ୍ରହଣ କରାଯାଇଥିବା ଜମିର ସୀମାରେ ଏକ ନୂତନ ରାସ୍ତା ନିର୍ମାଣ କରିବା ପରେ ଏବଂ ଆବେଦନକାରୀଙ୍କ କାରଖାନାକୁ ଆବଶ୍ୟକ ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ ବିଦ୍ୟମାନ ରାସ୍ତା ସହିତ ସଂଯୁକ୍ତ ହେବା ପରେ ହିଁ ଅଧିଗ୍ରହଣ ହୋଇଥିବା ଜମି ଦେଇ ଯାଉଥିବା ବର୍ତ୍ତମାନର ରାସ୍ତାକୁ ବନ୍ଦ କରିବ ।"

ଅପିଲକାରୀଙ୍କ କାରଖାନାକୁ ଆବଶ୍ୟକୀୟ ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ ଚତୁର୍ଥ ଉତ୍ତରଦାତାଙ୍କ ଦ୍ୱାରା ଦିଆଯାଇଥିବା ଏହି ସ୍ୱୀକାରୋକ୍ତି ଏବଂ ଅଙ୍ଗୀକାରକୁ ଦୃଷ୍ଟିରେ ରଖି, ଅଧିଗ୍ରହଣରେ ହସ୍ତକ୍ଷେପ କରିବାର କୌଣସି ଆବଶ୍ୟକତା ନାହିଁ କାରଣ ଏହା ଉପରୋକ୍ତ ଅଙ୍ଗୀକାର ଅଧୀନରେ ରହିଛି । ଅପିଲକାରୀଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ସୁଶ୍ରୀ ଇନ୍ଦୁ ମଲହୋତ୍ରା ଉପସ୍ଥାପନ କରନ୍ତି ଯେ, ଅପିଲକାରୀଙ୍କ କାରଖାନାକୁ ଟେଲିଫୋନ୍ ତାର ଏବଂ ବିଦ୍ୟୁତ୍ ଶକ୍ତି ତାର ଇତ୍ୟାଦି ମଧ୍ୟ ବିଦ୍ୟମାନ ରାସ୍ତାରୁ ନୂତନ ରାସ୍ତାକୁ ସ୍ଥାନାନ୍ତର କରାଯିବା ଆବଶ୍ୟକ । ଆମେ ନିର୍ଦ୍ଦେଶ ଦେଉଛୁ ଯେ, ଏହା ମଧ୍ୟ ଉତ୍ତରଦାତାଙ୍କ ଦ୍ୱାରା ଦିଆଯାଇଥିବା ଅଙ୍ଗୀକାରର ଅଂଶବିଶେଷ ଭାବେ କରାଯିବା ଉଚିତ ।

ତଦନୁସାରେ ଅପିଲଟିର ପରିସମାପ୍ତି କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. — ଅପିଲର ପରିସମାପ୍ତି ହୋଇଛି ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

<u>ଅନୁବାଦକ</u>
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ